## କାନ୍ଥ ପଡ଼ି ବୃଦ୍ଧ ମୃତ

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଡାଳପକା ପଞ୍ଚାୟତ ଉପାନ୍ତ ଅଞ୍ଚଳ କେନ୍ଦୁଯୋଡ଼ା ଗ୍ରାମରେ ଶୁକ୍ରବାର କାନ୍ଥ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ମାନ ସିଂ ମାଝୀ(୬୫)। ସେ ସନ୍ଧ୍ୟାରେ ରୋଷେଇ କରୁଥିଲେ। ଏହି ସମୟରେ ଲଗାଣ ବର୍ଷାରେ ବତୁରୀ ଥିବା ମାଟି କାନ୍ଥ ମାନଙ୍କ ଉପରେ ଖସି ପଡ଼ିଥିଲା। ଗୁରୁତର ଅବସ୍ଥାରେ ଗାଁ ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବିଳମ୍ବିତ ରାତିରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପାଟଣା ଥାନାରେ ମାମଲା(ନଂ.୨୭/୨୩) ରୁଜୁ ହୋଇଥିବା ଏଏସ୍ଆଇ ପଦ୍ମାବତୀ ବିଶ୍ୱାଳ କହିଛନ୍ତି।

**ସଂକ୍ଷେପରେ**

## କାର୍ଯ୍ୟରେ ଯୋଗଦେଲେ ପ୍ରାଣୀ ଚିକିତ୍ସା ଅଧିକାରୀ

**ଧରିତ୍ରୀ ପ୍ରଭାବ**

ରାଇବଣିଆ,୨୯।୭(ନବୀନ ସାହୁ)– ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଖୁଆଡ଼ ଏବଂ ଶ୍ୟାମ ନଗର ପଞ୍ଚାୟତରେ ଦୀର୍ଘ ଦିନ ଧରି ପ୍ରାଣୀ ଚିକିତ୍ସା ଅଧିକାରୀ ପଦବୀ ଖାଲି ପଡ଼ିଥିଲା। ଏ ସଂକ୍ରାନ୍ତରେ ଗତ ୨୭ ତାରିଖ ଧରିତ୍ରୀରେ 'ଫାଙ୍କା ପଡ଼ିଛି ପ୍ରାଣୀ ଚିକିତ୍ସା କେନ୍ଦ୍ର' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଛି। ଶନିବାର ଛୁଟି ଦିନ ଥାଇ ମଧ୍ୟ ଜିଲା ଜିଲା ମୁଖ୍ୟ ପ୍ରାଣୀ ଅଧିକାରୀ ବନମାଳୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଖୁଆଡ଼ସ୍ଥିତ ପ୍ରାଣୀ ଚିକିତ୍ସାଳୟରେ ପ୍ରାଣୀ ଚିକିତ୍ସକ ଭାବେ ରାମଦୁ ମାରାଣ୍ଡି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏନେଇ ଖୁଆଡ ଏବଂ ଶ୍ୟାମନଗର ପଞ୍ଚାୟତର ଜନସାଧାରଣ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ପ୍ରାଣୀ ଚିକିତ୍ସକ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସାଧାରଣତଃ ଏହି ଅଞ୍ଚଳର ବହୁ ଚାଷୀ ଗୋପାଳନ ଓ କୁକୁଡ଼ା ଚାଷ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ପ୍ରାଣୀ ଚିକିତ୍ସା ଅଧିକାରୀ ପଦବୀ ଖାଲି ନେଇ ଲୋକେ ବାରମ୍ବାର ଜିଲା ମୁଖ୍ୟ ପ୍ରାଣୀ ଅଧିକାରୀଙ୍କ ପାଖରେ ଅଭିଯୋଗ କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଯାହା ଫଳରେ ଲୋକେ ପଶୁ ପକ୍ଷୀ ବିକିବା ଆରମ୍ଭ କରିଦେଇଥିଲେ।

## ୪ରୁ ସ୍ୱାଧୀନତା ଦିବସ ପାଇଁ ପ୍ରତିଯୋଗିତା

ଭଦ୍ରକ, ୨୯।୭ (ସନାତନ ରାଉତ)– ଭଦ୍ରକ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲା ସଂସ୍କୃତି ଭବନରେ ପ୍ରସ୍ତୁତି ବୈଠକ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ଏଥିରେ ସଭାପତିତ୍ୱ କରିଥିବା ବେଳେ ଉପଜିଲାପାଳ ମନୋଜ ପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆବାହକ ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ବିଗତ ବର୍ଷର ପାଳନ ବିବରଣୀ ଉପସ୍ଥାପନ କରିବା ପରେ ଆଲୋଚନା କରାଯାଇଥିଲା। ଅଗଷ୍ଟ ୪ରୁ ସଂସ୍କୃତି ଭବନରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରାଯିବ। ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷରୁ ରାମଧୂନ ପରିକ୍ରମା, ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପ୍ରଭାତଫେରୀ, ସକାଳ ୭ଟା ୩୦ ସୁଦ୍ଧା ସରକାରୀ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ପତାକା ଉତ୍ତୋଳନ, ଭଦ୍ରକ ସହର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଆଦି କାର୍ଯ୍ୟକ୍ରମ ରହିଛି। ଭଦ୍ରକ କଲେଜ ଖେଳପଡ଼ିଆରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ସକାଳ ୯ଟା ୧୫ରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇ ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କରାଯିବ।

# ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କଲେ, ସମସ୍ୟା ବୁଝିଲେ

### ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ କମିଶନରଙ୍କ ଗସ୍ତ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ଚମ୍ପୁଆ(ମହେଶ୍ୱର ଦାସ),୨୯।୭

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ସଚିବ ରୂପାରୋଶନ ସାହୁ ଦିନିକିଆ କେନ୍ଦୁଝର ଗସ୍ତରେ ଆସି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା ସହ ବିଭାଗୀୟ ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଛାତ୍ରୀନିବାସର ରୋଷେଇ ଘର, ଡାଇନିଂ ରୁମ୍, ଷ୍ଟୋର ରୁମ, ବାଳିକା ଛାତ୍ରାବାସ ଇତ୍ୟାଦି ପରିଦର୍ଶନ କରିବା ସମୟରେ ଅନ୍ତେବାସୀଙ୍କ ସହ ଆଲୋଚନା କରି ସେମାନଙ୍କର ସମସ୍ୟା ବୁଝିଥିଲେ। ଛାତ୍ରୀଛାତ୍ର କୌଣସି କାମରେ ପରିବାର ଲୋକଙ୍କ ସହ କଥାବାର୍ତ୍ତା ହେବା ପାଇଁ ସ୍କୁଲ ପକ୍ଷରୁ ଏକ ମୋବାଇଲ ଫୋନ୍ ବ୍ୟବସ୍ଥା କରିବାକୁ କହିଥିଲେ। ବିଦ୍ୟାଳୟର ଅନ୍ୟ ସମସ୍ୟା ବିଷୟରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସହ ଆଲୋଚନା କରି ଏଗୁଡ଼ିକର ସମସ୍ୟା ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ତେଲି ଅର୍ଶଳା ଆଶ୍ରମ ବିଦ୍ୟାଳୟ, ରଜିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ରାବାସ, ରାମଲା ସରକାରୀ ଉଚ୍ଚ ବିଦ୍ୟାଳୟ, ରାମଲାଠାରେ ଥିବା ୫୦୦ ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ, ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଝୁମ୍ପୁରା ବ୍ଲକ୍ର ମୁରସୁଆଁ ଆଶ୍ରମ ସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସମସ୍ୟା ବିଷୟରେ ବୁଝିଥିଲେ। ପରିଦର୍ଶନ ସମୟରେ ଚମ୍ପୁଆ ପିଏ ଆଇଟିଡିଏ ଜୟଶ୍ରୀ ମଲ୍ଲିକ, କେନ୍ଦୁଝର ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରବିନ୍ଦ୍ର ନାଥ ନାୟକ, କନିଷ୍ଠ ଯନ୍ତ୍ରୀ ଇଂ ବିନୟ ପଟେଲ, ଆଇଟିଡିଏ ପ୍ରକଳ୍ପ ପରିଚାଳକ ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


କମିଶନର ରୂପାରୋଶନ ସାହୁ ଓ ଅନ୍ୟମାନେ।

## 'ଯାତାୟାତ ସୁବିଧା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ'

ଭଣ୍ଡାରିପୋଖରୀ,୨୯।୭ (ରବିନାରାୟଣ ଖିଲାର)

ରାଜ୍ୟ ସରକାରଙ୍କ ଗ୍ରାମୀଣ ରାସ୍ତା ଉନ୍ନତୀକରଣ ଯୋଜନାରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବନ୍ଧାଲୋଠାରୁ ମହେଶପୁର ଦେଇ ଝୁଟଣା ଯାଏ ନୂତନ ରାସ୍ତା ନିର୍ମାଣ ଲାଗି ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ନାଆମୀ ସମବାୟ ସମିତି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସାମଲ ଯୋଗଦେଇ ଯାତାୟାତ ସୁବିଧା ଦୃଷ୍ଟିରୁ ନୂତନ ରାସ୍ତା ନିର୍ମାଣ ସକାଶେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଜିଲା ପରିଷଦ ସଭ୍ୟ ବଦ୍ରି ନାରାୟଣ ରାଉତ, ଲକ୍ଷ୍ମୀଧର ସାହୁ, ସାମାଜିକ କର୍ମୀ ଶରତ ଚନ୍ଦ୍ର ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ମହାପାତ୍ର ୯ମାସ ମଧ୍ୟରେ ନୂତନ ରାସ୍ତା ନିର୍ମାଣ ଶେଷ ହେବ ବୋଲି କହିଥିଲେ। ସରପଞ୍ଚ ବିଶ୍ୱନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ମାଝୀ, ସସ୍ମିତା ସେଠୀ, କୌଶଲ୍ୟା ଜେନା, ସମିତିସଭ୍ୟ ଦିପୁରଞ୍ଜନ ରାଉତ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ ନାୟକ, ଯୁବ ଉଦ୍ୟୋଗୀ ଅଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଧାଲୋ, ମହେଶପୁର ଓ ଝୁଟଣା ଗ୍ରାମର ବହୁ ଜନସାଧାରଣ ଭିତ୍ତିପ୍ରସ୍ତର ଉତ୍ସବରେ ଯୋଗ ଦେଇଥିବା ବେଳେ ଶିକ୍ଷାବିତ୍ ନାରାୟଣ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ଭିତ୍ତିପ୍ରସ୍ତର ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ଅଙ୍ଗନୱାଡି କର୍ମୀ ନିଯୁକ୍ତି ବିଜ୍ଞପ୍ତିକୁ ନେଇ ଅସନ୍ତୋଷ

ବାରିପଦା,୨୯।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ବ୍ଲକ ଅଧୀନ ବଡ଼– ବ୍ରାହ୍ମଣମରା ଗ୍ରାମରେ ମହାଲକ୍ଷ୍ମୀ ମହିଳା ସମିତିର ଆନୁକୂଲ୍ୟରେ ସଦସ୍ୟମାନେ ଏକ ବୈଠକ କରି ଜିଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ପ୍ରକାଶିତ ଅଙ୍ଗନୱାଡି କର୍ମୀ ନିଯୁକ୍ତି ବିଜ୍ଞପ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗ୍ରାମରେ ଜଣେ ହେଲେ ଅନୁସୂଚିତ ଜନଜାତି (ଏସ୍ଟି)ର ଲୋକ ନ ଥିବାବେଳେ ଉକ୍ତ ପଦବୀରେ ଏହି ବର୍ଗର ମହିଳାଙ୍କୁ ନିଯୁକ୍ତି ଦିଆଯିବ ବୋଲି ସୂଚିତ ହୋଇଛି।

ପୂର୍ବରୁ ଜଣେ ଓବିସି ମହିଳା ଏହି ପଦରେ ଥିଲେ। ତାଙ୍କ ଦେହାନ୍ତ ପରେ ଏହି ନିଯୁକ୍ତି ପ୍ରକ୍ରିୟା ସମଗ୍ର ଜିଲା ସୂଚୀରେ ପ୍ରକାଶ ପାଇଛି। ଗ୍ରାମରେ ଅନେକ ଉଚ୍ଚଶିକ୍ଷିତା ମହିଳା ଓ ଯୁବତୀ ଏପରିକି ବିଧବା ମହିଳା ଥିବାବେଳେ ସେମାନଙ୍କୁ ଆଦୌ ବିଚାରକୁ ନ ହେବା ଅତ୍ୟନ୍ତ କ୍ଷୋଭର ବିଷୟ। ଗାଁ ଭିତରୁ କାହାରିକୁ ନ ଦେଲେ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଅସହଯୋଗ କରାଯିବା ସହ ପିଲାଙ୍କୁ ଅଙ୍ଗନୱାଡି କେନ୍ଦ୍ରକୁ ନ ପଠାଇବାକୁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ଏପରି ପାତରଅନ୍ତର ନୀତିକୁ ହଟା ନ ଗଲେ ଏହା ବିରୋଧରେ ଭୋଟ ବର୍ଜନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ମହିଳା ସମିତିର ସଭାପତି ମନ୍ଦୋଦରୀ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିରୁପମା ମହାନ୍ତ, ବନିତା ମହାନ୍ତ, ଅଷ୍ଟମୀ ମହାନ୍ତ, ନର୍ମଦା ମହାନ୍ତ, ଯଶୋଦା ମହାନ୍ତ, ତପସ୍ୱିନୀ ମହାନ୍ତ, ଦେବସ୍ମିତା ମହାନ୍ତ, ସାରଥି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ମହିଳା ସମିତି ସଦସ୍ୟା ଓ ଅନ୍ୟମାନେ।

## ବନ କର୍ମଚାରୀଙ୍କୁ ଆକ୍ରମଣ କରି କାଠ ବୋଝେଇ ପିକ୍ଅପ୍ ନେଇଗଲେ

ବେତନଟୀ,୨୯।୭ (ଧରଣୀଧର ମହାନ୍ତି)

ବେତନଟୀ ଥାନା ଅଧୀନ କେଶିପୁର ଫାଣ୍ଡି ଅଞ୍ଚଳରୁ ଏକ ଚୋରା କାଠ ବୋଝେଇ ଭର୍ତ୍ତି ପିକ୍ଅପ୍କୁ କାଠ ମାଫିଆ ଛଡ଼ାଇ ନେଇଛନ୍ତି। କେଶିପୁର ଫରେଷ୍ଟ ଅଫିସର ବନକର୍ମଚାରୀମାନଙ୍କୁ ଆକ୍ରମଣ କରିବା ସହ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଘଟଣା ଶୁକ୍ରବାର ରାତିରେ ଘଟିଥିବା ବେଳେ ଫରେଷ୍ଟ ଗାର୍ଡ ଲମ୍ବୋଦର ମହାନ୍ତ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା (ନଂ. ୨୭୩/୨୩)ରୁଜୁ କରିଛି। ପ୍ରକାଶ ଯେ, ଫରେଷ୍ଟ ଗାର୍ଡ ମହାନ୍ତଙ୍କ ସମେତ ୩ ବନ କର୍ମଚାରୀ କେଶିପୁର ଜଙ୍ଗଲ ନିକଟ କରମଶୋଳ ନିକଟରେ ଏକ ଚୋରା କାଠ ବୋଝେଇ ଗାଡ଼ିକୁ ଧରିଥିଲେ। ଏହି ସମୟରେ ୧୦ ରୁ ୧୨ ଜଣ କାଠ ମାଫିଆ କର୍ମଚାରୀମାନଙ୍କୁ ଧମକ ଓ ଆକ୍ରମଣ କରି ଗାଡି ଛଡ଼ାଇ ନେଇଥିଲେ। ବନ ବିଭାଗ ପିଛା କରି ଛଡ଼ାଇ ନେଇ ଥିବା ୧୩ ଖଣ୍ଡ ଶାଳ ଗଣ୍ଡିକୁ ଜମୁଗୋଧା କେନାଲରୁ ଜବତ କରିଥିବା ସୂଚନା ମିଳିଛି।

## କାଠ ବୋଝେଇ ବୋଲେରୋ ଜବତ

କେନ୍ଦୁଝର,୨୯।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ରେଞ୍ଜ ପଳାଶପଙ୍ଗା ସେକ୍ସନ ରାଇସୁଆଁ ମୁସଲିମ ବସ୍ତି ନିକଟରୁ ଶୁକ୍ରବାର ରାତିରେ ବନ ବିଭାଗ ଏକ କାଠ ବୋଝେଇ ବୋଲେରୋ ଜବତ୍ କରିଛି। ଗାଡ଼ି ଚାଳକ, ଅନ୍ୟ ଜଣେ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଛନ୍ତି। ବୋଲେରୋ ଝାଡ଼ଖଣ୍ଡ ଅଞ୍ଚଳରୁ ଆସୁଥିବା ସୂଚନା ପାଇ ସଦର ରେଞ୍ଜର ବିଜୟ କୁମାର ମହାନ୍ତଙ୍କ ନେତୃତ୍ୱରେ ୨ ଟିମ୍ ବନାଯୋଡି ଟୋଲ ଗେଟ୍ ନିକଟରେ ଜଗି ରହିଥିଲେ। ଗାଡ଼ି ଟୋଲ ଗେଟ୍ ଅତିକ୍ରମ କରିବା ପରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ପିଛା କରିଥିଲା। ବୋଲେରୋଟି ମୁସଲିମ ବସ୍ତି ନିକଟରେ ବନ ବିଭାଗର ଗାଡ଼ିକୁ ଧକ୍କା ଦେଇ ଚାଳକ ଓ ସହଯୋଗର ଫେରାର ହୋଇଯାଇଥିଲେ। ଦୁର୍ଘଟଣାରେ ବନ ବିଭାଗ ଗାଡ଼ି ଭାଙ୍ଗିଥିବା ବେଳେ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ବନ ବିଭାଗ ବୋଲେରୋ ସହ ୫୦ ସିଫ୍ଟ ଶାଳ ଚଉକାଠ ଜବତ କରିଛି। ଯାହାର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଚଢାଉରେ ଟାଉନ ଫରେଷ୍ଟର ପ୍ରଦୀପ ବାରିକ, ଫରେଷ୍ଟ ଗାର୍ଡ ସୁବ୍ରତ ପାତ୍ର ସାମିଲ ଥିଲେ।

## ଶିଶୁ ଅଧିକାର ଓ ପୋଷଣ ତାଲିମ

କୋଡ଼ପଡ଼ା,୨୯।୭(ରଞ୍ଜିତ କୁମାର ରଣା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ପରିସରରେ ସମନ୍ୱିତ ଶିଶୁ କାର୍ଯ୍ୟାଳୟରେ ଆସ୍ଥାୟାର ପକ୍ଷରୁ ବୁଧବାର ଏକ ଦିବସୀୟ ଶିଶୁ ଅଧିକାର, ପୋଷଣ, ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆନନ୍ଦପୁର ସମନ୍ୱିତ ଶିଶୁ ଅଧିକାରୀ ବିନୋଦିନୀ ତ୍ରିପାଠୀ ଯୋଗଦେଇ ଶିଶୁମାନଙ୍କର ଶିକ୍ଷା ଓ ଅଧିକାର ଉପରେ ଉପସ୍ଥିତ ଅଙ୍ଗନୱାଡି କର୍ମୀମାନଙ୍କୁ ବୁଝାଇଥିଲେ। ଆନନ୍ଦପୁର ବ୍ଲକର ୧୫ ପଞ୍ଚାୟତର ୮୦ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିବା ବେଳେ ଆନନ୍ଦପୁର, ଶାଳବଣୀ, ଧକୋଠା କ୍ଲଷ୍ଟର ସିଏଫ, ଏଲଏଫ, ଜିପିସିଏମ, ଏଲଆରପି ଟିଚରମାନେ ଯୋଗଦେଇ ପିଲାମାନଙ୍କ ଶୈଶୀବ, ଶାରିରୀକ, ମାନସିକ, ବୌଦ୍ଧିକ, ଭାଷାଗତ ବିକାଶର ଧାରାକୁ ଅଗ୍ରଗତି କରିବା ଶିବିରର ମୂଳଲକ୍ଷ୍ୟ ବୋଲି ଜଣାଯାଇଛି। କାର୍ଯ୍ୟକ୍ରମରେ ଆସ୍ଥାୟାର ଆଇସିଡ଼ିଏସ କୋଡ଼ିନେଟର ଲଳିତ ମହାନ୍ତ, ବ୍ଲକ୍ ଇନ୍ଚର୍ଜ ସମୀର ମହାକୁଡ଼, ଲିୟରିଂ ଇନ୍ଟର୍ଣ୍ଣ ବିଶ୍ୱଜିତ ପଲେଇ, ଏମଆଇଏସ ଧର୍ମାନନ୍ଦ ମହାନ୍ତ, ସିଏଫ ଆଶୁତୋଷ ରଣା, ଜଗନ ଜେନା, ବାପୁଜୀ କୁଅଁର ପ୍ରମୁଖ ଯୋଗଦେଇଥିଲେ।

## ଜ୍ଞାନ ବିଜ୍ଞାନ ମେଳାରେ ୬୦ ପ୍ରକଳ୍ପ

ଗୋପବନ୍ଧୁ ନଗର, ୨୯।୭ (ଶାନ୍ତନୁ କୁମାର ମହୁଆଳ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକର କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବିଆର୍ସିସି ଦୀନବନ୍ଧୁ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉକ୍ତ ମେଳାରେ ସ୍ୱତନ୍ତ୍ର ବର୍ଗ, ଶିଶୁ ବର୍ଗ ଓ ବାଲ ବର୍ଗର ମୋଟ ୬୦ ପ୍ରକଳ୍ପ ସ୍ଥାନ ପାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରମୋହନ ବେହେରା, କୁଆମରା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ବିବେକାନନ୍ଦ ଗିରି, ଗୋପୀନାଥ ପଣ୍ଡା, କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅତଶୀ ପଣ୍ଡା, ଶିକ୍ଷକ ନିଗମାନନ୍ଦ ମହାପାତ୍ର ଓ ଦୀନବନ୍ଧୁ ଦାସ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ବିଭିନ୍ନ ବର୍ଗରୁ ରଞ୍ଜିତା ଦ୍ୱିବେଦୀ, କରିସ୍ମା ସ୍ୱାଇଁ, ବର୍ଷାରାଣୀ ଚୌଧୁରୀ, ସାହିଲ ବିଶ୍ୱାଳ, ରିତେଶ ମାଟିଆ, ସାଇ ଦୀକ୍ଷିତ ବାରିକ, ଦିବ୍ୟାସା ବେହେରା, ନିର୍ମାଲ୍ୟ ମହୁଆଳ, ସାଇ କ୍ରୀଷ୍ଣା ବେହେରା ଓ ଅର୍ଚ୍ଚିତା ପରିଡ଼ାଙ୍କ ପ୍ରକଳ୍ପକୁ ଶ୍ରେଷ୍ଠ ବିବେଚିତ କରାଯାଇଛି। ବିଜ୍ଞାନ ବିଭାଗର ଗୁରୁମା ଗୀତାଞ୍ଜଳି ଦ୍ୱିବେଦୀ, ଶୁଭଶ୍ରୀ ଦାସଙ୍କ ସମେତ ସମସ୍ତ ଗୁରୁମା ଓ ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୁଆମାଳ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ

ତିହିଡ଼ି,୨୯।୭(ସଞ୍ଜିତ୍ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଶନିବାର ଶିଳାନ୍ୟାସ କରାଯାଇଛି। ମୁଖ୍ୟଅତିଥି ଭାବେ ଏମ୍ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ୬୧ ଲକ୍ଷ ୪୯ ହଜାର ଟଙ୍କା ବ୍ୟୟରେ ଏହି ନୂତନ ଗୃହ ନିର୍ମାଣ ହେବ ବୋଲି ଏମପି ସୂଚନା ଦେଇଥିଲେ। ବରେଣ୍ୟ ଅତିଥି ଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବିଡିଓ ଜ୍ୟୋତିର୍ମୟ କର, ସହକାରୀ ଯନ୍ତ୍ରୀ ଟିକଚାନ୍ଦ କାଲୋ, ଡା. ପ୍ରଣବ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟା ରୁଜାତା ପଣ୍ଡା, ସରପଞ୍ଚ ମାମିନା ଜେନା, ସମିତିସଭ୍ୟା ପୁଷ୍ପାଞ୍ଜଳି ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମାନସ ପାଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ବିଜେଡି ଜିଲା ସାଧାରଣ ସମ୍ପାଦକ ଚିନ୍ତାମଣି ଦାସ ଓ ପ୍ରଦୀପ ପଣ୍ଡା, ଭାଜପା ନେତା ଦୁର୍ଗାଚରଣ ନାୟକ, ରଘୁନାଥ ପାତ୍ର, ଭରତ ସାହୁ, ତପନ ପାଢ଼ୀ, ସୁଶାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।


ଶିଳାନ୍ୟାସ ଅବସରରେ ଏମ୍ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

## 'କୁନି ବୈଜ୍ଞାନିକ ରାଷ୍ଟ୍ର ନିର୍ମାଣର ଦେବଦୂତ'

■ ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା
■ ୪୦ ପ୍ରକଳ୍ପ ପ୍ରଦର୍ଶିତ

ରୂପସା,୨୯।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପଞ୍ଚାୟତ ଅନ୍ତର୍ଗତ ନୟାପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ସାଗରିକା ଜେନା ଏଥିରେ ପୌରାହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ କୁଡ଼ିଆ ଲକ୍ଷ୍ମୀନାରାୟଣ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଭବେନ୍ଦ୍ର କୁମାର ବାରିକ ଯୋଗଦେଇ ଏହି ମେଳାକୁ ଉଦଘାଟନ କରିବା ସହ କୁନି ବୈଜ୍ଞାନିକମାନେ ରାଷ୍ଟ୍ର ନିର୍ମାଣର ଦେବଦୂତ ବୋଲି କହିଥିଲେ। ସମ୍ମାନିତ ଅତିଥି ରତିକାନ୍ତ ସ୍ମାରକୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜକାନ୍ତ ମଲ୍ଲିକ, ଶିଶୁମନ୍ଦିର ସମ୍ପାଦକ ଗଣେଶ୍ୱର ସାହୁ, କୋଷାଧକ୍ଷ ଶରତ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ପ୍ରମୁଖ ବାଦଲ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ୪୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ସମ୍ୱୋଦିତ ପ୍ରକଳ୍ପ, ତାପ ସଂଚରଣ ଓ ପ୍ରଜ୍ୱଳନ ତାପମାତ୍ରା ବର୍ଷା ଜଳ ଅମଳ, ପବନ ଚକ୍ରୀ ଦ୍ୱାରା ବିଦ୍ୟୁତ୍ ସୃଷ୍ଟି, ବାୟୁ ଚାପ ସମ୍ବଳିତ ତଥ୍ୟ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଆଦି ପ୍ରକଳ୍ପ ପ୍ରଶଂସନୀୟ ହୋଇଥିଲା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।


ମାନପତ୍ର ସହ କୃତୀ ପ୍ରତିଯୋଗୀମାନେ।

## ବାଲେଶ୍ୱର ଉଦ୍ୟାନ ଭବନରେ ଦୁର୍ନୀତି ଅଭିଯୋଗ

ବାଲେଶ୍ୱର,୨୯।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଉଦ୍ୟାନ ଭବନରେ ଦୁର୍ନୀତି ଘଟଣା ପଦାକୁ ଆସିଛି। ବିନା ଟେଣ୍ଡରରେ ଲକ୍ଷ ଲକ୍ଷ ଟଙ୍କାର କାମ ହେଉଥିବା ବେଳେ ଦୁଇଟି ନିର୍ଦ୍ଦିଷ୍ଟ ଠିକାଦାର ସଂସ୍ଥା କାମ କରୁଛି। ନେଟ୍ ହାଉସ କାମ ହେଉ କିମ୍ବା କନଷ୍ଟ୍ରକସନ କାମ, ନା ରହୁଛି ଫଳକ ନା ଜାଣିଛନ୍ତି ସ୍ଥାନୀୟ ଅଧିକାରୀ। ମାନମାନି କରୁଛନ୍ତି ଠିକାଦାର। ନିମ୍ନମାନର କାମ କରି ସରକାରୀ ଅର୍ଥ ହଡ଼ପ କରୁଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ବାଲେଶ୍ୱର ଜିଲାର ଉଦ୍ୟାନ ଭବନରେ ନେଟ କାମ ଗୋଟିଏ କମ୍ପାନୀ ଏବଂ କନଷ୍ଟ୍ରକସନ କାମ ନିର୍ଦ୍ଦିଷ୍ଟ ଜଣେ ଠିକାଦାର କରି ଆସୁଛନ୍ତି। ଉଭୟ କାର୍ଯ୍ୟ ପାଇଁ ନା ଟେଣ୍ଡର କରାଯାଉଛି, ନା ସାଧାରଣ ଲୋକଙ୍କ ଅବଗତି ନିମନ୍ତେ ଫଳକ ଲଗାଯାଉଛି। ଏପରିକି ବିଭାଗୀୟ ଅଧିକାରୀ ମଧ୍ୟ କିଏ କାମ କରୁଛି, କ'ଣ କାମ ହେଉଛି ଜାଣି ନ ଥିବା ରୋକ୍ଠୋକ୍ ମନା କରିଦେଉଛନ୍ତି। ଠିକାଦାର ଏବଂ କମ୍ପାନୀ ନିମ୍ନମାନର କାର୍ଯ୍ୟ କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରୁଛନ୍ତି। ଏପରିକି ୨ ଫୁଟ୍ର ୨ ଫୁଟ୍ ଏକ ଗାଧୁଆଘର ତିଆରି କରି ୫ଲକ୍ଷ ଟଙ୍କାର ବିଲ୍ କରିଥିବାର ଉକ୍ତ ଅଫିସର ଅଧିକାରୀ ଅଭିଯୋଗ କରିଛନ୍ତି। ସେହିପରି ରେମୁଣାରେ ଥିବା ଉଦ୍ୟାନ ଭବନ ସମ୍ମୁଖରେ ୧୫ ଦିନ ପୂର୍ବରୁ ଏକ ପକ୍କା ରାସ୍ତା କାମ ବିନା ଟେଣ୍ଡରରେ କରାଯାଇଥିଲେ ମଧ୍ୟ ଏତେ ନିମ୍ନମାନର ହୋଇଛି ଯେ ଚିପ୍ସ ବାହାରି ପଡ଼ିଲାଣି। ସରକାରୀ ନିୟମ ଅନୁସାରେ କାର୍ଯ୍ୟର ନାମଫଳକ ମଧ୍ୟ ଲଗାଯାଇ ନାହିଁ। ଅନ୍ୟପକ୍ଷରେ ଏକ ନିର୍ଦ୍ଦିଷ୍ଟ କମ୍ପାନୀ ବିଭାଗୀୟ ଉପରିସ୍ଥ ଅଧିକାରୀ ଏବଂ ସହକାରୀ ଯନ୍ତ୍ରୀମାନଙ୍କ ସହ ମଧୁର ସମ୍ପର୍କ ରଖି ବିନା ଟେଣ୍ଡରରେ ନିମ୍ନମାନର ନେଟ୍ ହାଉସ ବନାଇ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିବା ଅଭିଯୋଗ ହେଉଛି।


ପକ୍କା ରାସ୍ତାରେ ଚିପ୍ସ ବାହାରି ପଡ଼ିଛି।

### ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ପଦାକୁ ଆସୁଛି ବିବାଦ

ଏ ନେଇ ରେମୁଣା ଉଦ୍ୟାନ ଭବନ ଦାୟିତ୍ୱରେ ଥିବା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ଏହି କାମ ହେଡ୍ ଅଫିସ କରିଛି। ମୋ ପରିସରଭୁକ୍ତ ନୁହେଁ ଏବଂ ଏ ବିଷୟରେ ସେ କିଛି ଜାଣି ନ ଥିବା ସିଧାସଳଖ ମନା କରି ଦେଇଥିଲେ। ବିଭାଗୀୟ ସହକାରୀ ଯନ୍ତ୍ରୀ ପଦ୍ମିନୀ ସାହୁ କୁହନ୍ତି, ଓପନ୍ ଟେଣ୍ଡର ହୋଇ ନ ଥିବା ବେଳେ କୋଟେସନ୍ କଲ ମାଧ୍ୟମରେ ଠିକାଦାର ଚୟନ କରାଯାଇଛି। କେଉଁ ଅଧିକାରୀ କ'ଣ ଜାଣିବେ ସେ ସମ୍ପର୍କରେ ହର୍ଟିକଲଚରର ନିର୍ଦ୍ଦେଶକ କହିପାରିବେ। ହର୍ଟିକଲଚର ନିର୍ଦ୍ଦେଶକ ଟେଣ୍ଡର ଡାକିଲେ, ଅର୍ଡର ଦିଆଗଲା। କାମ ହେଲା ଏବଂ ମୋତେ ଦାୟିତ୍ୱ ଦିଆଗଲା ସୁପରଭାଇଜ୍ କରିବା ପାଇଁ। ଫଳକ ପାଇଁ ଏଷ୍ଟିମେଟ୍ରେ ପ୍ରଭିଜନ୍ ନ ଥିବାରୁ ଲାଗି ପାରି ନ ଥିବା ସେ ପ୍ରକାଶ କରିଥିଲେ।

**ବୀମାଭୁକ୍ତ ହେଲେ ଜିଲା ଫଟୋଗ୍ରାଫର୍ସ**

ଭଦ୍ରକ,(ସନାତନ ରାଉତ)-ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ଶୁକ୍ରବାର ଜିଲା ଫଟୋଗ୍ରାଫର୍ସ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ୧୫୦ରୁ ଊର୍ଦ୍ଧ୍ୱ ଫଟୋଗ୍ରାଫର୍ସଙ୍କୁ ବୀମାଭୁକ୍ତ କରାଯିବା ସହ ପରିଚୟପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଚନ୍ଦ୍ରକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଉପସଭାପତି ଭାରତ ବିଶ୍ୱାଳ ରାୟ, ସମ୍ପାଦକ ନୀଳାଦ୍ରି ପାତ୍ର, ସହସମ୍ପାଦକ ବିବେକାନନ୍ଦ ନାୟକ, କୋଷାଧକ୍ଷ ନବକିଶୋର ଦାସ, ସଦସ୍ୟ ରାଜକିଶୋର ଶତପଥି, ଅଜୟ ବାରିକ୍, କିଶୋର ପଟ୍ଟନାୟକ ପ୍ରମୁଖ ଫଟୋଗ୍ରାଫର୍ସଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ପୋଲିସକୁ ଆକ୍ରମଣ କରି ଯବାନ ଗିରଫ

**ଆନନ୍ଦପୁର(ସନ୍ତୋଷ ରାଉତ)/କୋଡ଼ପଡ଼ା (ରଞ୍ଜିତ କୁମାର ରଣା),୨୯।୭:**

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦର ଫକୀରପୁରରେ ସ୍ତ୍ରୀକୁ ଆକ୍ରମଣ ଓ ପରେ ପୋଲିସକୁ ମାଡ଼ ଅଭିଯୋଗରେ ଜଣେ ବିଏସଏଫ ଯବାନଙ୍କୁ ଆନନ୍ଦପୁର ପୋଲିସ ଗିରଫ କରିଛି। ଗିରଫ ଯବାନ ଫକୀରପୁର ଗ୍ରାମର ଶରତ ଚନ୍ଦ୍ର ମୁଦୁଲୀ। ସେ ଶୁକ୍ରବାର ରାତିରେ କୌଣସି କାରଣକୁ ନେଇ ତାଙ୍କ ସ୍ତ୍ରୀ ସ୍ନେହଁପ୍ରଭା ବାରିକଙ୍କୁ ମାଡ଼ ମାରିଥିଲେ। ଏ ନେଇ ସ୍ନେହଁପ୍ରଭା ୧୧୨ ରେ କଲ୍ କରି ପୋଲିସର ସହାୟତା ଲୋଡ଼ିଥିଲେ। ପୋଲିସ ଭ୍ୟାନ ପହଞ୍ଚିବା ପରେ ଯବାନ ଓ ତାଙ୍କ ପରିବାର ମିଶି ପୋଲିସକୁ ଆକ୍ରମଣ କରିଥିଲେ। ସୂଚନା ପାଇ ଆନନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରିବାର ସଦସ୍ୟ ଆନନ୍ଦପୁର ପୋଲିସ କର୍ମଚାରୀଙ୍କ ଡ୍ରେସ୍ ଚିରି ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଘଟଣାରେ ପୋଲିସ ଯବାନ ଶରତଙ୍କୁ ଗିରଫ କରି ଶନିବାର କୋର୍ଟରେ ହାଜର କରାଇବା ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ସ୍ଥାନାନ୍ତର କରାଯାଇଛି। ପୋଲିସକୁ ଆକ୍ରମଣ ନେଇ ମାମଲା(ନଂ.୧୬୬/୨୩) ଓ ସ୍ତ୍ରୀ ସ୍ନେହଁପ୍ରଭାଙ୍କ ଅଭିଯୋଗ କ୍ରମେ (ନଂ. ୧୬୮/୨୩ ରେ ପୃଥକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଦେବକୀ ନାଇକ ସୂଚନା ଦେଇଛନ୍ତି।

### ଜଳପ୍ରପାତ କୁଣ୍ଡରେ ପଡ଼ି ଯୁବକ ମୃତ

**ଖୁଣ୍ଟା,୨୯।୭( ଦେବରଞ୍ଜନ ବେହେରା):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଶିମିଳିପାଳ ପାଦଦେଶରେ ଥିବା ଟୁଙ୍କି ଜଳପ୍ରପାତ କୁଣ୍ଡରେ ପଡ଼ି ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ୍ ଗରଡ଼ିହ ପଞ୍ଚାୟତ ଅଞ୍ଚଳର ବାଙ୍କିସାହି ଗ୍ରାମର ଭାସ୍କର ବେହେରାଙ୍କ ପୁଅ ଅମିତାଂଶୁ ବେହେରା (୨୩)। ଅମିତାଂଶୁ ୬ ଜଣ ସାଙ୍ଗଙ୍କ ସହିତ ଶନିବାର ଅପରାହ୍ନରେ ଖୁଣ୍ଟା ଥାନା ଅଧୀନସ୍ଥ ଭୋଲାଗଡ଼ିଆ ପଞ୍ଚାୟତରେ ଥିବା ଟୁଙ୍କି ଜଳପ୍ରପାତ ବୁଲିବାକୁ ଆସିଥିଲେ। ଅମିତାଂଶୁ ଜଳପ୍ରପାତରେ ଭିଡ଼ିଓ ସୁଟିଂ କରୁଥିବା ସମୟରେ ଅସାବଧାନତା ବସତଃ କୁଣ୍ଡରେ ପଡ଼ିଯାଇଥିଲେ। ସାଙ୍ଗମାନେ ଉଦ୍ଧାର କରିବା ପାଇଁ ପ୍ରୟାସ କରିବା ସହ ଖୁଣ୍ଟା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ସନ୍ଧ୍ୟା ସମୟରେ ମୃତଦେହ ପାଇଥିଲେ। ସୂଚନା ପାଇ ଖୁଣ୍ଟା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛି। ଅମିତାଂଶୁ କୁଣ୍ଡାବାଇ କଲେଜର +୩ ଶ୍ରେଣୀର ଛାତ୍ର ହୋଇଥିବା ବେଳେ ସେ ଜଣେ ପେସାଦାର ଫଟୋଗ୍ରାଫର। ସେ ବିଭିନ୍ନ ଅନୁଷ୍ଠାନରୁ ଶ୍ରେଷ୍ଠ ଫଟୋଗ୍ରାଫର ଭାବେ ସମ୍ମାନିତ ହୋଇଥିବା ଜଣାଯାଇଛି।

### ଗୋଟିଏ ରାତିରେ ୪ ଦୋକାନରୁ ଚୋରି

**କରଞ୍ଜିଆ, ୨୯।୭ (କବିତା ମହାନ୍ତ):** ମୟୂରଭଞ୍ଜ ଜିଲା କରଞ୍ଜିଆ ସହରରେ ଶୁକ୍ରବାର ରାତିରେ ସିରିଜ ଚୋରି ହୋଇଛି। ଗୋଟିଏ ରାତିରେ ୪ଟି ଦୋକାନରୁ ଚୋରି ହୋଇଛି। ସୂଚନା ଅନୁଯାୟୀ, ପ୍ରଭାତ କୁମାର ଦାଶ ତାଙ୍କ ସାଇ ଷ୍ଟୁଡିଓକୁ ବନ୍ଦ କରି ଘରକୁ ଯାଇଥିଲେ। କେତେଜଣ ଦୁର୍ବୃତ୍ତ ଷ୍ଟୁଡିଓର ସଟର ତାଡ଼ି କାଚ କବାଟ ଭାଙ୍ଗି ଭିତରକୁ ପଶି ସିସି କ୍ୟାମେରାକୁ ଅକାମି କରିବା ସହ ୬ କ୍ୟାମେରା, ଗୋଟିଏ ଡ୍ରୋନ କ୍ୟାମେରା ଓ ୪ ଦାମୀ ମୋବାଇଲ ଚୋରି କରି ନେଇଛନ୍ତି। ପ୍ରାୟ ୧୨ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ସେହିପରି ମାଣିକ ଛକ ନିକଟରେ ଥିବା ଭାଗବତ ମହାନ୍ତଙ୍କ ଅଟୋ ପାର୍ଟସ ଦୋକାନରୁ ସଟର ଭାଙ୍ଗି ୨୦ହଜାର ଟଙ୍କା ଚୋରି କରି ନେଇଛନ୍ତି। ପାଖରେ ଥିବା ସରୋଜ ଦାସଙ୍କ ଗ୍ରସରି ଦୋକାନ ଶଟର ଭାଙ୍ଗି ୨୫ହଜାର ଟଙ୍କା ସହ କିଛି ସାମଗ୍ରୀ ନେଇଯାଇଛନ୍ତି। ସବ୍ ଷ୍ଟେଶନ ନିକଟରେ ଥିବା ଘନଶ୍ୟାମ ଦାସଙ୍କ କୃଷି ଉପକରଣ ଦୋକାନରୁ ବିଦ୍ୟୁତ୍ ମଟର ସରଞ୍ଜାମ ଆଦି ଚୋରି ହୋଇଛି। ଶନିବାର ସକାଳେ ଏସ୍‌ଡିପିଓ ସୁବ୍ରତ କୁମାର ପୋଲିସ ଟିମ୍ ସହ ତଦନ୍ତ କରିଛନ୍ତି। ପରେ ବାରିପଦାରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିଥିଲା। ପ୍ରକାଶଥାଉ କି, ପୂର୍ବରୁ ପୁର୍ନେଶ୍ୱର ମନ୍ଦିର, ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର ଓ ଜଣେ ଅଧ୍ୟାପକଙ୍କ ଘରୁ ଚୋରି ହୋଇଥିବା ବେଳେ ପୋଲିସ ଚୋରଙ୍କୁ ଧରିପାରି ନାହିଁ।

# ସହର ପରିକ୍ରମା କଲା ୪୧ କାଫେଲା

**ଭଦ୍ରକ, ୨୯।୭ (ସନାତନ ରାଉତ)**



ଶୋଭାଯାତ୍ରାରେ ସୁସଜ୍ଜିତ କାଫେଲା।

ଭଦ୍ରକରେ ଶନିବାର ପବିତ୍ର ମହରମ ପର୍ବ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଇଛି। ଇସଲାମ ଧର୍ମରେ ଚନ୍ଦ୍ର ଗଣନାକୁ ଆଧାର କରି ଇସଲାମିକ (ହିଜରୀ) କ୍ୟାଲେଣ୍ଡର ଅନୁସାରେ ମହରମ ପର୍ବ ହେଉଛି ବର୍ଷର ପ୍ରଥମ ମାସ। ପ୍ରଫେଟ ମହମ୍ମଦଙ୍କ ନାତି ହଜରତ ଏମାମ ହୋସେନ କରବଲା ମଇଦାନରେ ଶତ୍ରୁ ଆଗରେ ନିଜକୁ ସମର୍ପଣ ନ କରି ଇସଲାମ ଧର୍ମ ପାଇଁ ବଳିଦାନ ଦେଇ ଶହୀଦ ହୋଇଥିଲେ। ଏହି ଶହୀଦ ଦିବସ ଉପଲକ୍ଷେ ୪୧ଟି ସୁସଜ୍ଜିତ କାଫେଲା ସହର ପରିକ୍ରମା କରିଥିଲା। ଗୋଟିଏ କାଫେଲା ଚରମ୍ପାରେ ରହିଥିଲା। ୬ଟି କାଫେଲା କଚେରୀ ବଜାର, କଣ୍ଟାବଣିଆ ଦେଇ ନଙ୍ଗାମହଲ୍ଲା ମସଜିଦ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଧର୍ମସଭା ଆୟୋଜନ ହୋଇଥିଲା। ଅବଶିଷ୍ଟ ୩୪ଟି କାଫେଲା ହଳଦୀଡିହି, ବାଙ୍କା ଛକ, ପୁରୁଣାବଜାର, ହେଲାସାହି ଛକ, ମୋଲ୍ଲାସାହି, ଚନ୍ଦନବଜାର ହୋଇ ମଦିନା ମଇଦାନଠାରେ ପହଞ୍ଚିଥିଲା।

କବି ମୁସ୍ତାକ ଗୌହରଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଧର୍ମସଭାରେ ମୌଲାନା (ପଣ୍ଡିତ) ଓ ସାଏର (କବି)ମାନେ ଯାଦେଁ ଏମାମ ହୋସେନଙ୍କ ନୀତିବାଣୀ ଉପରେ ଆଲୋକପାତ କରିଥିଲେ। ମୁସଲିମ ଜମାତର ସଭାପତି ହାଜୀ ମହମ୍ମଦ ଅବଦୁଲ ବାରୀ, ଉପସଭାପତି ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦ, ହାଜୀ ଅବଦୁଲ ମୁକିତ୍ ଖାନ ଓ ଶେଖ ସିରାଜୁଦ୍ଦିନ, ମହରମ କମିଟି ସଭାପତି ହଫିଜୁର ରହେମାନ ଖାନ, ସାଧାରଣ ସମ୍ପାଦକ ଅଖତର ଅଲି ଖାନ ପରିଚାଳନା କରିଥିଲେ। କାଫେଲା ଶୋଭାଯାତ୍ରାକୁ ନିୟନ୍ତ୍ରଣ ପାଇଁ ସବ୍ବିର ଅଲି, ଜମିଲ ଅଖତର ଖାନ, ଇଂ. ରେଜାଏ ରସୁଲ, ଇଂ. ହବିବୁଲ୍ଲା ଖାଁ, ଇଂ. ମୁକ୍ତାର ଅହେମଦ ରସିଦ, ହାଜୀ ତବାରକ ଅଲୀ, ମତଲୁବ ଅଲି, ଶେର ଅଲି ଖାଁ, ହାଜି କାଶିମ ଖାଁ, ହାଜୀ ଅନୱର ହୋସେନ, ଏସ୍.ଏମ୍. ଫାରୁକ୍, ଅସରଫ ଅଲି, ମିଡିଆ ସେଲ୍ ସଂଯୋଜକ ଶେଖ୍ ଅନୱର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସହରର ପ୍ରତି ଛକରେ ପୋଲିସ ମୁତୟନ କରାଯାଇଥିଲା।

## ମହରମ ପର୍ବ

# ବାଡ଼ିଖେଳ ପ୍ରତିଯୋଗିତା



**ଧାମନଗର, ୨୯।୭ (ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)**

ଭଦ୍ରକ ଜିଲା ଧାମନଗର ଅଞ୍ଚଳରେ ଜସନେ ୟାଦେ-ହୋସେନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପବିତ୍ର ମହରମ ପର୍ବ ଶାନ୍ତିଶୃଙ୍ଖଳାରେ ଶନିବାର ପାଳିତ ହୋଇଯାଇଛି। ୧୬ ଆଖଡ଼ା ଦଳ ନିଜର ଖଲିଫାଙ୍କ ନେତୃତ୍ୱରେ ଟ୍ରେକର ଷ୍ଟାଣ୍ଡ ଏବଂ ବିଜୁ ପଟ୍ଟନାୟକ ଛକଠାରେ ବାଡ଼ିଖେଳ ପ୍ରଦର୍ଶନ କରିଥିଲେ। ଧାମନଗର ଏନ୍‌ଏସିର ବିଭିନ୍ନ ସ୍ଥାନରେ ମହରମ ପାଳନ କରାଯାଇଥିଲା। ବିଭିନ୍ନ ବସ୍ତିରୁ ଆଖଡ଼ା ଦଳ ବାହାରି ଟ୍ରେକର ଷ୍ଟାଣ୍ଡ, ସାନବଜାରଠାରେ ବାଡ଼ିଖେଳ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ୮ନଂ. ୱାର୍ଡ କରବୁଲା ମଇଦାନରେ ଆଖଡ଼ା ପ୍ରତିଯୋଗିତା ହୋଇଥିଲା। ବଜାର ସାହି, କଣ୍ଟାବଣିଆ, ହବିବନଗର, ମୁଲନାସାହି, ବାଉଁଶବାଡି ଆଦି ବିଭିନ୍ନ ସାହି ବସ୍ତିରୁ ଆସିଥିବା ଆଖଡ଼ା ଦଳ ଏଥିରେ ଭାଗ ନେଇ ଖେଳ ପ୍ରଦର୍ଶନ କରିଥିଲେ।

ସେହିପରି ବ୍ଲକର ପନ୍ଦର ବାଟିଆ, ଜଗନ୍ନାଥ ସାହି, ଗୋଡିପୋଖରୀ, ଆଦି ସ୍ଥାନରେ ବସବାସ କରୁଥିବା ମୁସଲମାନ ସମ୍ପ୍ରଦାୟର ଭାଇ ଭଉଣୀମାନେ ଆନନ୍ଦ ଉଲ୍ଲାସର ସହ ପବିତ୍ର ମହରମ ପାଳନ କରିଛନ୍ତି। ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ଭାଜପା ନଗର ସଭାପତି କୈଳାସ ଚନ୍ଦ୍ର ମହାପାତ୍ର, ଗୋଲାମ ଜିଲାନି ହବିବି, କଂଗ୍ରେସ ନେତା ବିଦ୍ୟାଧର ଜେନା, ନରେନ୍ଦ୍ର ମଲିକଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଶୁଭେଚ୍ଛା ଜଣାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ଅତିରିକ୍ତ ଏସପି ଉମାଶଙ୍କର ମହାରଣା, ଧାମନଗର ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ଧାମନଗର ଥାନା ଆଇଆଇସି ବନମାଳୀ ବାରିକ, ଭଣ୍ଡାରିପୋଖରୀ ଆଇଆଇସି ତପନ କୁମାର ପ୍ରଧାନ, ଆଗରପଡ଼ା ଆଇଆଇସି ମୋନାଲିସା କର ପ୍ରମୁଖଙ୍କ ନେତୃତ୍ୱରେ ୩ ପ୍ଲାଟୁନ ଫୋର୍ସ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଥିଲା।

# ଶିଶୁ ଆଇନ ବିଷୟରେ ସଚେତନ ହେଲେ ଦୁର୍ଗତି ହ୍ରାସ ପାଇବ




ଶିବିରରେ ଉପସ୍ଥିତ ଅତିଥିମାନେ।

**କେନ୍ଦୁଝର,୨୯।୭(ଦୀପକ ମିଶ୍ର)**

ଜିଲା ଆଇନସେବା ପ୍ରାଧିକରଣ ସୌଜନ୍ୟରୁ କେନ୍ଦୁଝର ପୁରୁଣା ସହରସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଯୁକ୍ତ ୨ କଲେଜ)ଠାରେ ଶିଶୁମାନଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା ଓ ଆଇନ ସହାୟତା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ଜଜ୍ ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇ ଶିଶୁମାନେ ସରକାରଙ୍କ ମାଗଣା ବାଧ୍ୟତାମୂଳକ ଶିକ୍ଷା ହାସଲ କରି ଆଇନ ବିଷୟରେ ସଚେତନ ହେଲେ ଦେଶର ଦୁର୍ଗତି ହ୍ରାସ ପାଇବ। ଦେଶ କିମ୍ବା ରାଜ୍ୟର ମାନଦଣ୍ଡ ଶିକ୍ଷା ଉପରେ ନିର୍ଭର କରେ ବୋଲି ମତ ଦେଇଥିଲେ। ଦେୱାନୀ ବିଚାରପତି ଅମରେଶ ମହାପାତ୍ର ସମସ୍ତେ ଶିଶୁଙ୍କ ପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ରଞ୍ଜୁଲତା ଲେଙ୍କା, ମହିଳା କୋର୍ଟ ବିଚାରପତି ପତଞ୍ଜଳୀ ସାହୁ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ଅମ୍ବିକେଶ ପାଣିଗ୍ରାହୀ, ଶିବାନୀ ମହାପାତ୍ର ଯୋଗଦେଇଥିଲେ। ପ୍ରାଧିକରଣ ସଚିବ ମାମି ବେହେରା ଉଦ୍‌ବୋଧନରେ ଶିକ୍ଷା ତଥା ଆଇନ ବିଷୟରେ ସଚେତନତା ଶିଶୁମାନଙ୍କ ପାଇଁ ଅତ୍ୟାବଶ୍ୟକ ବୋଲି ମତ ଦେଇଥିଲେ। ପ୍ରାଧିକରଣର କର୍ମୀ ସତ୍ୟରଞ୍ଜନ ଦାସ, ଦେବବ୍ରତ ଦାସ, ମାନସ ରଞ୍ଜନ ନାଏକ, ଶିଶିର ସାହୁ, ଅଧ୍ୟାପକ ନିତ୍ୟାନନ୍ଦ ନାୟକ, ବିରଞ୍ଚି ନାରାୟଣ ପଟ୍ଟନାୟକ, ଲଳିତ ପଟ୍ଟନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ବିଜ୍ଞାନ ମେଳା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ କରେ

**ପାଟଣା,୨୯।୭(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଶନିବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୬୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ଗଣିତ ପ୍ରକଳ୍ପ, ସଂସ୍କୃତି ଜ୍ଞାନ ପ୍ରଶ୍ନ ମଞ୍ଚ, ବିଜ୍ଞାନ ପ୍ରଶ୍ନ ମଞ୍ଚ, ବୈଦିକ ଗଣିତ ପ୍ରଶ୍ନ ମଞ୍ଚ, ବିଜ୍ଞାନ ଓ ଗଣିତ ପତ୍ର ବାଚନ ଓ ନିବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଅରବିନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ସେଠୀ, ମୁଖ୍ୟ ବକ୍ତାଭାବେ ଜନତା ଉଚ୍ଚ ବିଦ୍ୟାଳୟ ମଲ୍ଲୀପଶିର ବିଜ୍ଞାନ ଶିକ୍ଷକ ଦେବେନ୍ଦ୍ର ମହାନ୍ତ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶରେ ବିଜ୍ଞାନମେଳା ସହାୟକ ହୋଇଥାଏ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ସଂଯୋଜନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ବେଗନାର କ୍ରୀଡ଼ା ଶିକ୍ଷକ ଡମ୍ବରୁଧର ମହାନ୍ତ, ମୁଖ୍ୟ ବକ୍ତାଭାବେ ଆଞ୍ଚଳିକ ମହାବିଦ୍ୟାଳୟର ଡେମନ ଷ୍ଟ୍ରେଟର ରଜତ ଦାଶ ଯୋଗଦେଇଥିଲେ।

# ବାଲିଆପାଳରେ ମହରମ ପର୍ବ



ବାଲିଆପାଳ ଜୁମା ମସଜିଦଠାରୁ ବାହାରିଥିବା ଜୁଲସ ଶୋଭାଯାତ୍ରା।

**ବାଲିଆପାଳ,୨୯।୭(ଗୋପାଳ ଚନ୍ଦ୍ର ସାହୁ )**

ବାଲେଶ୍ୱର ଜିଲା ବାଲିଆପାଳଠାରେ ଶନିବାର ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ମହରମ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ବାଲିଆପାଳ ଜୁମା ମସଜିଦଠାରୁ ଏକ ବିରାଟ ଶୋଭାଯାତ୍ରା (ଜୁଲସ) ବାହାରି ଜାମକୁଣ୍ଡା ଛକ, ପରୁଲିଆ ଛକରୁ କଚୁଆପଡ଼ା ବଦିରୋଦ୍ଦିନ ପୀର ବାବାଙ୍କ ଆସ୍ଥାନ ପର୍ଯ୍ୟନ୍ତ ଯାଇ ସେଠାରୁ ବାଲିଆପାଳ ଜୁମା ମସଜିଦକୁ ଫେରିଥିଲା। ମଧ୍ୟାହ୍ନରେ ଜୁମା ମସଜିଦରେ ସାମୁହିକ ନମାଜ ପାଠ ହୋଇଥଲା। ଶୋଭାଯାତ୍ରାରେ ନଜିର ଖାନ,ଏସକେ ଅବଦୁଲ ରହିମନ,ଏସକେ ବାବୁ, ଏସ୍‌କେ ଇନ୍ତାଜ,ଏସ୍‌କେ. ଓହିଦ,ଏସକେ ଅଜିଜ, ସାଜିତ ଖାନ, ଅବଦୁଲ ଜିଲାନି, ସେକ ମନ୍ନୁ, ସେକ ମତୁଲବ, ମୌଲନା ଗୁଲାମ ସର୍ବରଙ୍କ ସହିତ ବାଲିଆପାଳ ମୁସଲମାନ ସମ୍ପ୍ରଦାୟର ବସ୍ତିବାସୀ ଯୋଗ ଦେଇଥିଲେ।

# କାଶିଆ ମାଇନ୍ସ ପକ୍ଷରୁ 'ନିଧି ଆପକେ ୨.୦' ସଚେତନତା



କାଶିଆ ମାଇନ୍ସର ୟୁନିଟ୍ ଅଧିକାରୀ ଓ ଖଣି କର୍ମଚାରୀମାନେ।

**ଯୋଡ଼ା,୨୯।୭(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଅନ୍ତର୍ଗତ କାଶିଆ ମାଇନ୍ସର ପ୍ରଶାସନିକ ଭବନରେ କର୍ମଚାରୀମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ନିମନ୍ତେ କାଶିଆ ୟୁନିଟ୍ ଆନୁକୂଲ୍ୟରେ ଭବିଷ୍ୟନିଧି ସଂଗଠନ ଦ୍ୱାରା 'ନିଧି ଆପକେ ୨.୦' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଏସ୍‌ପିର ଟେନ୍‌ସା, କାଶିଆ ଓ ବଡ଼ବିଲ ମାଇନ୍ସର ମାନବ ସମ୍ବଳ ବିଭାଗ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ କାଶିଆ ମାଇନ୍ସର ୟୁନିଟ୍ ହେଡ୍ ପ୍ରମୋଦ ପାତ୍ର ଯୋଗଦେଇଥିଲେ। ଉକ୍ତ ସଭାରେ ଉପସ୍ଥିତ କର୍ମଚାରୀ ଓ ପେନ୍‌ସନଧାରୀମାନଙ୍କୁ ୟୁନିଟ୍ ହେଡ୍ ପାତ୍ର କାର୍ଯ୍ୟକ୍ରମର ସୁବିଧା ଉଠାଇବାକୁ ପରାମର୍ଶ ଦେଇଥିଲେ। ଭବିଷ୍ୟନିଧି ସଂଗଠନର ନୋଡାଲ ଅଧିକାରୀମାନେ ନିୟୋକ୍ତା, ସଦସ୍ୟ ଓ ପେନସନଧାରୀମାନଙ୍କ ଅଭିଯୋଗ ସମାଧାନ କରିଥିଲେ। କାର୍ଯ୍ୟକ୍ରମରେ କାଶିଆ ମାଇନ୍ସ ମାନବ ସମ୍ବଳ ବିଭାଗର ସମସ୍ତ ଅଧିକାରୀ, ଖଣି କର୍ମଚାରୀ ଓ ଠିକା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବର୍ଷାରାଣୀର ଆଗମନରେ ଧରିତ୍ରୀ ହୁଏ ପଲ୍ଲବିତ

**ଖଇରା, ୨୯।୭(ଉତ୍କଳବନ୍ଧୁ ପଣ୍ଡା)**

### କୁନ୍ତଳା କଲ୍ୟାଣୀ ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

କୁନ୍ତଳା କଲ୍ୟାଣୀ ସାହିତ୍ୟ ସଂସଦ ପକ୍ଷରୁ ବାଲେଶ୍ୱର ଜିଲା ଖଇରା ବ୍ଲକର ଗଣ୍ଡିବେଡସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦ ସଭାପତି ସୁଦାମ ଚରଣ ରାଉତ ଅଧ୍ୟକ୍ଷତା କରିଥିଲେ। ରବୀନ୍ଦ୍ର କୁମାର ବେହୁରିଆ ମୁଖ୍ୟଅତିଥି, ପାଲାଗାୟକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା, ଡ.ଶ୍ୟାମସୁନ୍ଦର ପ୍ରଧାନ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବର୍ଷାରାଣୀର ଆଗମନରେ ଧରିତ୍ରୀ ମାତା ପଲ୍ଲବିତ ହୋଇଥାଏ । ସକଳ ଜୀବଜଗତ ପାଇଁ ଅମୃତ ଧାରା ବରସୁଥିବା ବେଳେ କବିର କବିତାରେ ମଧ୍ୟ ଏହା ପ୍ରସ୍ଫୁଟିତ ହୋଇଥାଏ ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ସମ୍ପାଦକ ଲମ୍ବୋଦର ନନ୍ଦ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ଶ୍ରୀକାନ୍ତ ମହାରଣା, ପଦ୍ମନାଭ ଶନିବିଗ୍ରହ, ମଧୁସୂଦନ ରାଉଳ, ବାବାଜୀ ଚରଣ ଦାସ, ପ୍ରଶାନ୍ତ ଶଙ୍ଖୁଆ, ରତ୍ନାକର ପଣ୍ଡା, ଅର୍ଜୁନ ଚରଣ ମହାରଣା, କୁନ୍ତଳା ମହାରଥା, କଲ୍ୟାଣି ପଣ୍ଡା, ଗୋକୁଳ ବିଜୟ ରାଉତ, ପ୍ରଫୁଲ୍ଲ କୁମାର ସାମଲ, ଶରତ ଚନ୍ଦ୍ର ଦାସ, କୃତିଦୀପା ରାଉତ ସ୍ୱରଚିତ କବିତା ପାଠ କରିଥିଲେ। ସନ୍ନ୍ୟାସୀ ପାତ୍ର ଓ ସସ୍ମିତା ରାଉତ କବିତାଗୁଡିକର ସଂଯୋଜନା କରିଥିଲେ। କୁନ୍ତଳା ମହାରଥା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଅପରାହ୍ନର ଛାଇ' କବିତା ସଙ୍କଳନ ଉନ୍ମୋଚିତ

**ତିହିଡ଼ି,୨୯।୭ (ସଞ୍ଜିତ୍ ବଳ)**

ଭଦ୍ରକ ଜିଲା ତିହିଡ଼ିର ସଂକ୍ରାନ୍ତି ସାହିତ୍ୟ ସନ୍ଧ୍ୟା ପକ୍ଷରୁ ଶନିବାର କବି ବିଶ୍ୱନାଥ ବାରିକଙ୍କ କବିତା ସଙ୍କଳନ 'ଅପରାହ୍ନର ଛାଇ' ଉନ୍ମୋଚିତ ହୋଇଯାଇଛି। ଗୁଆମାଳ ପଞ୍ଚାୟତ ଅଧୀନ ସଦାନନ୍ଦପୁର ନୋଡାଲ ସ୍କୁଲ ପରିସରରେ ଅନୁଷ୍ଠିତ ସଭାରେ ବରିଷ୍ଠ କବି ଦୀନବନ୍ଧୁ ପତି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ମନୋଜ କୁମାର ମହାପାତ୍ର ଯୋଗଦେଇ ମାଟି ପ୍ରତି ମୋହ ଥିବା କବିଙ୍କର ଭାବନା ଉଦ୍ରେକ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ହୃଦାନନ୍ଦ ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଡ.ଲକ୍ଷ୍ମୀଧର ତ୍ରିପାଠୀ, କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ଓ ସଞ୍ଜିତ କୁମାର ବଳ ଯୋଗଦେଇଥିଲେ। କବିମାନେ କବିତା ପାଠ କରିବା ସହ କବି ଓ ପ୍ରବଚିକା ବିଶ୍ୱମୈତ୍ରୀ ନାୟକଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନର ସମ୍ପାଦକ ପଣ୍ଡିତ ଦୈତାରୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ବିଶ୍ୱଜିତ ବେହେରା ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

**ଜଳେଶ୍ୱର,୨୯।୭(ରବିନାରାୟଣ ପାତ୍ର)**



ବୈଠକରେ ଉପସ୍ଥିତ ସମାଜ କଲ୍ୟାଣ ବିକାଶ ପରିଷଦର କର୍ମକର୍ତ୍ତାମାନେ।

### ଜଳେଶ୍ୱରର ବିକାଶ ନେଇ ବୈଠକ

୫ ଦଫା ଦାବି ନେଇ ଶନିବାର ସମାଜ କଲ୍ୟାଣ ବିକାଶ ପରିଷଦର ଏକ ଜରୁରୀ ବୈଠକ ନୂଆବଜାରସ୍ଥିତ ଭଞ୍ଜଶ୍ରୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ଚାଲି ଆସୁଥିବା ଦାବି ନେଇ କର୍ତ୍ତୃପକ୍ଷଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ଆଲୋଚନା ହେବ । ଅନ୍ୟଥା ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ ହେବ ବୋଲି ବୈଠକରେ ସିଦ୍ଧାନ୍ତ ନିଆଯାଇଥିଲା। ଆୟୋଜିତ ବୈଠକରେ ପରିଷଦର ଅଧ୍ୟକ୍ଷ ରଘୁନାଥ ମହାନ୍ତି ଅଧ୍ୟକ୍ଷତା କରି ଦୀର୍ଘ ୧୦ବର୍ଷ ଧରି ପରିଷଦ ପକ୍ଷରୁ ଜନସାଧାରଣଙ୍କ ବହୁ ସମସ୍ୟା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଉତ୍ଥାପନ କରାଯାଇଥିବା ବେଳେ ସେଥିରୁ କେତେକ ସମାଧାନ ହୋଇଥିବା ବେଳେ ଅନ୍ୟ କେତେକକୁ ସରକାର ହେୟଜ୍ଞାନ କରୁଥିବାରୁ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ଆଲୋଚନାରେ ଜଳେଶ୍ୱର ରେଳ ଷ୍ଟେଶନରେ ଉତ୍କଳ ଏକ୍ସପ୍ରେସ୍ ରହଣି ଥିବା ବେଳେ ଡାଉନ୍ ରେଳ ରହଣି ନ ହେବା ରେଲୱେ ନୀତି ନିୟମକୁ ଉଲଙ୍ଘନ କରୁଛି ବୋଲି ସେ କହିଥିଲେ। ପରିଷଦ ପକ୍ଷରୁ ଦୀନକୃଷ୍ଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ବିବାଦୀୟ ପରିସ୍ଥିତି ଉପୁଜିଥିବାରୁ ରେଳ ଷ୍ଟେଶନ ସମ୍ମୁଖରେ ସ୍ଥାପନ ହେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିକେ ଭଞ୍ଜ ହସ୍ପିଟାଲରେ ଅଧିକ ଡାକ୍ତର ଓ ବିଭାଗୀୟ ଡାକ୍ତର ନିଯୁକ୍ତି ଓ ସେବାନେଇ ସରକାରଙ୍କୁ ଅବଗତ କରାଯିବ ବୋଲି ସଦସ୍ୟମାନେ କହିଥିଲେ। ଆସନ୍ତା ଦିନରେ ଜଳେଶ୍ୱରକୁ ଜିଲା ଘୋଷଣାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଏସବୁ ଦାବି ସମ୍ପର୍କରେ ସ୍ଥାନୀୟ କର୍ତ୍ତୃପକ୍ଷ, ବିଧାୟକ ତଥା ମନ୍ତ୍ରୀଙ୍କ ସହ ଆଲୋଚନା କରିବା ଲାଗି ଏକ କମିଟି ଗଠନ ହେବା ନେଇ ଅଧ୍ୟକ୍ଷଙ୍କ ପ୍ରସ୍ତାବ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଞ୍ଜ ବୈଠକ ସଂଯୋଜନା କରିଥିବା ବେଳେ ସମ୍ପାଦକ ଆଇନଜୀବୀ ରାମଚନ୍ଦ୍ର ଜେନା ସୂଚନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବଣିକ ସଂଘ ସଭାପତି ସୁଧୀର ମହାନ୍ତିଙ୍କ ସମେତ ପରିଷଦର ବହୁ ସଦସ୍ୟ ଆଲୋଚନାରେ ଭାଗ ନେଇଥିଲେ ।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୩୦ ଜୁଲାଇ, ୨୦୨୩



## ଚୋରି ଅଭିଯୋଗରେ ଯୁବକ ଗିରଫ

ଗୋପବନ୍ଧୁ ନଗର,(ଶାନ୍ତନୁ କୁମାର ମଣ୍ଡୁଆଲ): ଖୁଣ୍ଟା ଥାନା ଅନ୍ତର୍ଗତ ଅସ୍ତପୁରା ଗ୍ରାମର ନନ୍ଦୁ ହେମ୍ବ୍ରମଙ୍କ ଘରୁ ଗତ ୧୫ ତାରିଖରେ ଏକ ମୋବାଇଲ ଚୋରି ହୋଇଥିଲା। ନନ୍ଦୁ ଖୋଜା ଖୋଜି କରିବା ପରେ ମୋବାଇଲ ବାରିପଦା ଅଞ୍ଚଳର ଜଣଙ୍କ ପାଖରେ ଥିବା ଜାଣିବାକୁ ପାଇଥିଲେ। ଶୁକ୍ରବାର ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ବାରିପଦା ଟାଉନ ୧୯ ନଂ. ୱାର୍ଡର ଉମେଶ ମହାରଣା (୩୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ସଂକ୍ଷେପରେ

## ଦୁର୍ଘଟଣାରେ ଶିକ୍ଷକ ମୃତ

### ହେଲ୍‌ମେଟ ଯୋଗୁ ବଞ୍ଚିଗଲା ପୁଅ ଜୀବନ

ଭଦ୍ରକ, ୨୯।୭(ସନାତନ ରାଉତ)- ୧୬ ନଂ. ଜାତୀୟ ରାଜପଥର ଧାମନଗର ଥାନା ଅଧୀନ ବିଷ୍ଣୁପୁର ଛକରେ ଶନିବାର ଅପରାହ୍ନରେ ଦୁର୍ଘଟଣାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବନ୍ତ ଥାନା ଅଧୀନ ତରାଗ ଗ୍ରାମର ଶିକ୍ଷକ କୈଳାସ ଚନ୍ଦ୍ର ସ୍ୱାଇଁ। ସେ ତାଙ୍କ ପୁଅ ସତ୍ୟରଞ୍ଜନଙ୍କ ସହ ବାଇକ୍‌ରେ ଭଦ୍ରକରୁ ଘରକୁ ଫେରୁଥିଲେ। ପଛପଟୁ ଏକ ଗାଡ଼ି ତାଙ୍କୁ ଧକ୍କା ଦେବାରୁ ବାପ, ପୁଅ ରାସ୍ତାରେ ବାଇକ୍ ସହ ତଳେ ପଡ଼ିଯାଇଥିଲେ। ସତ୍ୟରଞ୍ଜନ ହେଲ୍‌ମେଟ ପିନ୍ଧିଥିବାରୁ ସାମାନ୍ୟ ଆହତ ହୋଇଥିବା ବେଳେ କୈଳାସ ରକ୍ତାକ୍ତ ଅବସ୍ଥାରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସତ୍ୟରଞ୍ଜନଙ୍କ ଅଭିଯୋଗକ୍ରମେ ଧାମନଗର ଥାନାରେ ମାମଲା (ନଂ.୩୬୬/୨୩) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

କେନ୍ଦୁଝର,୨୯।୭ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ନନ୍ଦିପଦା ଥାନା ଅନ୍ତର୍ଗତ ବଡ଼ରମ୍ପାସ ଗ୍ରାମରେ ସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ନାଣ୍ଡି ଜେନା(୭୦)। ସେ ଗୁରୁବାର ବାରଣ୍ଡାରେ ବସିଥିବା ସମୟରେ ଏକ ଚିତି ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ଯୁଗପୁରା ଷ୍ଟେଶନ ନିକଟରେ ଏଟିଏମ୍ ସ୍ଥାପନ ଦାବି

ବୈଶିଙ୍ଗା,୨୯।୭(ରତନ ଦାଶ): ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ୍ ଅଧୀନ ବୈଶିଙ୍ଗାଠାରୁ ଦୁଇ କି.ମି. ଦୂରରେ ଅବସ୍ଥିତ ଯୁଗପୁରା ରେଳ ଷ୍ଟେଶନ ନିକଟରେ ଏଟିଏମ୍ ସ୍ଥାପନା ଦାବି ହୋଇଛି। ରେଳ ଷ୍ଟେଶନ ନିକଟବର୍ତ୍ତୀ ସ୍ଥାନରେ ପଞ୍ଚାୟତ ଅଫିସ, ପୋଷ୍ଟ ଅଫିସ ଓ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ରହିଛି। ଜିଲାର ସର୍ବପୁରାତନ ରାଇସ ମିଲ ମଧ୍ୟ କାର୍ଯ୍ୟକ୍ଷମ। ସଳ୍ପ ଦୂରତାରେ ଉତ୍ତର ଓଡ଼ିଶାର ସର୍ବବୃହତ ବୈଶିଙ୍ଗା ଅରୋ ଫ୍ଲୋର ମିଲ ଅବସ୍ଥିତ। ଷ୍ଟେଶନ ଆସୁଥିବା ଲୋକେ ଓ ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ଅର୍ଥ ଉଠାଣ ପାଇଁ ବ୍ୟାଙ୍କ ଉପରେ ନିର୍ଭର କରୁଛନ୍ତି। ଯୁଗପୁରା ବଜାର ଓ ସନ୍ନିକଟ ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧିକୁ ନଜରରେ ରଖି ଏକ ଏଟିଏମ ସ୍ଥାପନା ଦାବି କରିଛନ୍ତି। ଜିଲାପାଳ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଯୁଗପୁରା ବଜାର ବ୍ୟବସାୟୀ ସଂଘ ଓ ରେଳ ଷ୍ଟେସନ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଦାବି କରିଛନ୍ତି।

# ଖଣି ଅଞ୍ଚଳ ରାସ୍ତା, ଏନ୍‌ଏଚ୍‌ରେ ଟ୍ରାଫିକ୍ ଜାମ

କେନ୍ଦୁଝର,୨୯।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଅଞ୍ଜାର-ଡଙ୍ଗାପାଣି ରାସ୍ତା ଏନ୍‌ଏଚ୍ ୪୯ରେ ଶନିବାର ଶହ ଶହ ଟ୍ରକ୍ ଛିଡ଼ା ହୋଇଥିବାରୁ ସାଧାରଣ ଲୋକଙ୍କ ଯାତାୟାତ ବ୍ୟାହତ ହୋଇଛି। ଭୁଲ ରାସ୍ତାରେ ଗାଡ଼ି ଚଳାଚଳ, ରାସ୍ତା କଡ଼ରେ ପାର୍କିଂ କାରଣରୁ ରାସ୍ତାରେ ଟ୍ରକ୍‌ର ଲମ୍ବା ଧାଡ଼ି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା। ସଦର ଥାନା ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିବାରେ ନୟାନ୍ତ ହୋଇ ଯାଇଥିଲେ ହେଁ ରାସ୍ତା ମୁକ୍ତ କରିବାରେ ବିଫଳ ହୋଇଥିଲେ। ପ୍ରକାଶ ଯେ, ଖଣି ଅଞ୍ଚଳରେ ପାର୍କିଂ



ରାସ୍ତାରେ ଅଟକି ରହିଥିବା ଟ୍ରକ୍।

ବ୍ୟବସ୍ଥା ନ ଥିବାରୁ ଏଭଳି ଦୈନିକ ବେଆଇନ ଭାବରେ ହାତୀ ଚଲାପଥ ଅଞ୍ଚଳରେ ଟ୍ରକ୍ ପାର୍କିଂ ହେଉଛି। ସେହିପରି ସଦର ଥାନା ଅନ୍ତର୍ଗତ ଶୁଆକାଟି ଖଣି ଅଞ୍ଚଳରେ ରାସ୍ତାରେ ଟ୍ରକ୍ ଛିଡ଼ା ହୋଇ ରହୁଥିବାରୁ ଯାତାୟାତ ବ୍ୟାହତ ହୋଇଛି। ଖଣି କର୍ତ୍ତୃପକ୍ଷ ପାର୍କିଂ ବ୍ୟବସ୍ଥା କରୁ ନ ଥିବାରୁ ବଂଶପାଳ ବ୍ଲକ୍‌କୁ

### ପୋଲିସ ନୟାନ୍ତ, ଲୋକେ ହନ୍ତସନ୍ତ

ସଂଯୋଗ ରାସ୍ତା ଅନେକ ସମୟରେ ଜାମ ରହୁଛି। ଉକ୍ତ ଅଞ୍ଚଳ ଦେଇ ଯାଇଥିବା ଏନଏଚ ୪୯ ରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଅନେକ ଟ୍ରକ୍ ତୁରନ୍ତ ଲୋଡ଼ିଂ ପାଇବା ପାଇଁ ଲାଇନ୍ ଭାଙ୍ଗି ଆଗକୁ ଯିବାକୁ ଚେଷ୍ଟା କରୁଥିବାରୁ ମଧ୍ୟ ରାସ୍ତା ଜାମ ହେଉଛି। ଏଣୁ ବନ ବିଭାଗ, ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେଇ ପାର୍କିଂ ବ୍ୟବସ୍ଥା କରି ଯାତାୟତ ସ୍ୱାଭାବିକ କରିବାକୁ ଦାବି ହେଉଛି।

## ଟିରିଙ୍ଗପାହାଡ଼ ଖଣିରୁ ଖଣିଜ ଉତ୍ତୋଳନ ସମ୍ପ୍ରସାରଣ ନିମନ୍ତେ ଜନ ଶୁଣାଣି

ଯୋଡ଼ା,୨୯।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବଳଦା ପଞ୍ଚାୟତର ଗୁରୁଡ଼ାଠାରେ ଥିବା ଟାଟା ଷ୍ଟିଲ ଲିମିଟେଡ୍‌ର ଟିରିଙ୍ଗପାହାଡ଼ ଲୌହପଥର ଓ ମାଙ୍ଗାନିଜ ଖଣିର ଖଣିଜ ଉତ୍ତୋଳନ ଓ ସମ୍ପ୍ରସାରଣ ନିମନ୍ତେ ପରିବେଶୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କାର୍ଯ୍ୟାଳୟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ଆନୁକୂଲ୍ୟରେ ଜନଶୁଣାଣିରେ ଅତିରିକ୍ତ ଜିଲାପାଳ ଯଦୁମଣି ମାହାଲା ସଭାପତିତ୍ୱ କରିଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ପରିଚାଳନା କରିଥିଲେ। ୧୬୯ ହେକ୍ଟର ପରିମିତ ଏହି ଖଣିରେ ମାଙ୍ଗାନିଜ ଉତ୍ପାଦନକୁ ବାର୍ଷିକ ୦.୮୫ ଲକ୍ଷ ଟନରୁ ୫.୩୮ ଲକ୍ଷ ଟନକୁ ବୃଦ୍ଧି କରିବା ସହିତ ବାର୍ଷିକ ୬.୮୯ ଲକ୍ଷ ଟନ୍ ଲୌହପଥର ନୂତନ ଖଣିଜ ଉତ୍ପାଦନକୁ ସାମିଲ କରାଯିବା ସହ ଅତିରିକ୍ତ ବାର୍ଷିକ ୪୧.୬୨ ଲକ୍ଷ ଟନ୍ ଓଭବର୍ଡନ ଉତ୍ପାଦନ କରିବ। ଏହିପରି




ଜନ ଶୁଣାଣିରେ ଉପସ୍ଥିତ ଅଧିକାରୀ।

ବାର୍ଷିକ ସମୁଦାୟ ୫୨.୩୬ ଲକ୍ଷ ଟନ ଖଣିଜ ଉତ୍ତୋଳନ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ସମ୍ପ୍ରସାରଣ ଯୋଗୁ ପ୍ରଭାବିତ ହେବାକୁଥିବା ଅଞ୍ଚଳବାସୀ ନୂତନ ହସ୍ପିଟାଲ, ପାରିପାର୍ଶ୍ୱିକ ଉନ୍ନତି, ନୂତନ ଜଙ୍ଗଲ ସୃଷ୍ଟି, ସ୍ୱାସ୍ଥ୍ୟ ସେବା, ସ୍ଥାନୀୟଙ୍କୁ ନିଯୁକ୍ତି ଆଦି ଦାବି କରି ପ୍ରକଳ୍ପକୁ ସମର୍ଥନ ଜଣାଇଥିଲେ। ଦାବି ପୂରଣ କରିବା ନିମନ୍ତେ ଯଥା ସମ୍ଭବ ଚେଷ୍ଟା କରିବେ ବୋଲି ଟାଟା ଷ୍ଟିଲ ଲିମିଟେଡ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସଭାରେ କମ୍ପାନୀ ପକ୍ଷରୁ ମହାପ୍ରବନ୍ଧକ ଅତୁଲ ଭଟନାଗର, ଯୋଡ଼ା ଟାଟା ମୁଖ୍ୟ ରାଜେଶ କୁମାର, ଟାଟା କମ୍ପାନୀ ଖଣି ମୁଖ୍ୟ ଅଧିକାରୀ ଅବନିସ କୁମାର, ଟାଟା ଷ୍ଟିଲ କର୍ପୋରେଟ କମ୍ୟୁନିକେସନ ଅଧିକାରୀ ଶୁଭଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଶିକ୍ଷାନୀତି ସମ୍ପର୍କିତ ସଚେତନତା

ବାସୁଦେବପୁର, ୨୯।୭ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଚାନ୍ଦିମାଳଠାରେ ଥିବା ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷାନୀତି ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆହୂତ ଖବରଦାତା ସମ୍ମିଳନୀରେ ଅଧ୍ୟୟନରତ ଛାତ୍ରୀଛାତ୍ର ଶିଖା କନୱାର, ପ୍ରଭୁକଲ୍ୟାଣ ମହାପାତ୍ର, ସାଧନା ଏସ୍. ବେହେରା, ପ୍ରୟାଗରାଜ ମହାରଣା, ସ୍ନେହାଂଶୁ ମହାରଣା, ଜ୍ୟୋତିପ୍ରକାଶ ନାୟକ ପ୍ରମୁଖ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ମତ ରଖି ଏହା ଆମ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସମୃଦ୍ଧ କରିଛି ବୋଲି କହିଥିଲେ। ଅଧକ୍ଷ ବିଶ୍ୱନାଥ ଖିଲାର ସଭାପତିତ୍ୱ କରିଥିବା ବେଳେ ଉପାଧକ୍ଷ ଏନ୍. ସି. ଚକ୍ର, ବରିଷ୍ଠ ଶିକ୍ଷକ ଦୀପକ କୁମାର ସିଂ, ଅଫିସ ସୁପରିଣ୍ଟେଣ୍ଡେଣ୍ଟ ବିଜୟ କୁମାର ଦଳାଇ, ରେଣୁବାଳା ଷଡ଼ଙ୍ଗୀ, ରୀନା ଦତ୍ତ, କବିତା କର ପ୍ରମୁଖ ଉପସ୍ଥିତ ଥିଲେ। ଚାରାରୋପଣ, ସଫେଇ, ଯୋଗ ଶିବିର, ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ଅଧକ୍ଷ ଏକ ଡକ୍ୟୁମେଣ୍ଟାରୀ ପ୍ରଦର୍ଶନ କରିଥିଲେ।

## ଟ୍ରକ୍ ଚୋରି ମାମଲାରେ ଆଉ ୩ ଗିରଫ

### ୧ ଲକ୍ଷ ଟଙ୍କାରେ ବିକୁଥିଲେ

କେନ୍ଦୁଝର,୨୯।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରରେ ଟ୍ରକ୍ ଚୋରି ଘଟଣାରେ ଶୁକ୍ରବାର ଟାଉନ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଶନିବାର ଘଟଣାରେ ଜଡ଼ିତ ଗ୍ୟାଙ୍ଗର ଆଉ ୩ ସଦସ୍ୟଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଝାଡ଼ଖଣ୍ଡ ରାଜ୍ୟ ମଝିଗାଁ ଅଞ୍ଚଳର ଏମ୍‌ଡି ସମୀର(୨୭), କେନ୍ଦୁଝର ସଦର ଥାନା କାଉଁରୀକଳା ଗ୍ରାମର ଶିବଶମ୍ଭୁ ମହାନ୍ତ(୩୫) ଓ ଘଟଗାଁ ଥାନା ଅଶନବଣି ଗ୍ରାମର ହୃଦାନନ୍ଦ ମହାନ୍ତ(୪୦)। ମାମଲାରେ ଆଉ ୫ ଜଣ ସମ୍ପୃକ୍ତ ଥିବା ଟାଉନ ଥାନା ଅଧିକାରୀ ସୁନିଲ କର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଧାଙ୍ଗରପଡ଼ା, ଜାତୀୟ ରାଜପଥରେ ଗାଡି ପାର୍କିଂ କରୁଥିବା ସ୍ଥାନରେ ଏହି ଯୋଜନା କରାଯାଉଥିଲା। ଟ୍ରକ୍ ପାର୍କିଂ ସ୍ଥାନରେ ହୃଦାନନ୍ଦ ମହାନ୍ତ ଯୋଜନା କରିବା ସହ ଏସର୍କଟ କରି ଯାଉଥିଲା। ଶିବଶମ୍ଭୁ ମହାନ୍ତ ଟ୍ରକ୍ ଡ୍ରାଇଭିଂ କରି ରିମୁଳି ଏବଂ ଚମ୍ପୁଆ ନିକଟରେ ଝାଡ଼ଖଣ୍ଡରୁ ଆସିଥିବା ଏମ୍‌ଡି ସମିର ଓ ତାଙ୍କ ଭାଇଙ୍କୁ ହସ୍ତାନ୍ତର କରୁଥିଲେ। ଟ୍ରକ ପିଛା ସେମାନେ ୨ ଲକ୍ଷ ଟଙ୍କା ନେଉଥିଲେ। ପରେ ସେମାନେ ଏହାକୁ ନେଇ ସ୍କ୍ରାପ ବ୍ୟବସାୟୀଙ୍କୁ ବିକ୍ରି କରୁଥିଲେ। ଏମାନେ ଚୋରାରେ ଟ୍ରକ୍ କିଣିବା ସହ ଚୋରା କାଠ କାରବାର ମଧ୍ୟ କରୁଥିବା ପୋଲିସ ଜାଣିବାକୁ ପାଇଛି। ପୋଲିସ ଏମ୍‌ଡି ସମିର ବ୍ୟବହାର କରୁଥିବା ହିରୋ ଗ୍ଲାମର ମଟର ସାଇକେଲ ଏବଂ ଶିବଶମ୍ଭୁ ମହାନ୍ତ ଏସକର୍ଟ କରି ଯାଉଥିବା କାରକୁ ଜବତ୍ କରିଛି। ଶୁକ୍ରବାର ର୍‍ୟାକେଟକୁ ଟାଉନ ପୋଲିସ ପର୍ଦ୍ଦାଫାଶ କରିବା ସହ ମୁଖ୍ୟ ଅଭିଯୁକ୍ତ ଏମ୍‌ଡି ୱାସିମକୁ ଝାଡ଼ଖଣ୍ଡ ରାଜ୍ୟ ଖରସୁଆଁ ଜଙ୍ଗଲ ନିକଟରୁ ଗିରଫ କରିବା ସହ ଚୋରି ଟ୍ରକ୍ ଜବତ୍ କରିଥିଲା। ଘଟଣାର ତଦନ୍ତ ଚାଲିଛି ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଗିରଫ ଅଭିଯୁକ୍ତମାନେ ୫ଟି ଟ୍ରକ୍ ଚୋରି କରିଥିବା ସ୍ୱୀକାର କରିଛନ୍ତି। ପୋଲିସ ଏ ପର୍ଯ୍ୟନ୍ତ ୨ ହାଇୱା ସମେତ ଗୋଟିଏ ଟ୍ରକ ଜବତ୍ କରିବାରେ ପୋଲିସ ସକ୍ଷମ ହୋଇଛି।

ସୂଚନାଯୋଗ୍ୟ, ହାଟଡ଼ିହି ବ୍ଲକ୍ ନନ୍ଦିପଦା ଅଞ୍ଚଳର ଟ୍ରକ ରାଜପଥ ୨୦ ନିକଟରୁ ଗତ ୨୩ତାରିଖରେ ଚୋରି ହୋଇଥିଲା। ଜିପିଏସରୁ ସୂଚନ ପାଇ ଗାଡି ମାଲିକ ଶରତ ଚନ୍ଦ୍ର ସାହା ପୋଲିସକୁ ଜଣାଇବା ପରେ ୧୨ ଚକିଆ ଟ୍ରକ ଜବତ୍ କରିବା ପରେ ଘଟଣାର ପର୍ଦ୍ଦାଫାଶ ହୋଇଛି।

## ମିରହସନପୁର ବିଦ୍ୟାଳୟରେ ପୋଷାକ ବିତରଣ

ଭଣ୍ଡାରିପୋଖରୀ, ୨୯।୭ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମିରହସନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷ ପ୍ରଣୀତକାନ୍ତି ସାମଲ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅମୂଲ୍ୟ କୁମାର ନାୟକ, ପରିଚାଳନା କମିଟି ସଭାପତି, ସଭ୍ୟାସଭ୍ୟ ଓ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପଦ୍ଧତି ସମ୍ପର୍କରେ କହିବା ସହ ଉତ୍ସାହିତ କରିବା ପାଇଁ ସାଂସ୍କୃତିକ ପ୍ରତିଯୋଗିତା କରାଇଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ ଓ ପୁରସ୍କୃତ କରାଯାଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ଦେବାଶିଷ



@ବିକାଶ



@ରୁଦ୍ର

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଗଳାପୋଲ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର



ଭାଜପା ନେତା ପଞ୍ଚାନନ ରାଉତ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଦାବିପତ୍ର ଦେଉଛନ୍ତି।

ଭଦ୍ରକ, ୨୯।୭(ସନାତନ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ପାହିମହୁରା ଛକଠାରେ ୧୬ ନଂ. ଜାତୀୟ ରାଜପଥରେ ଏକ ଗଳାପୋଲ ନିର୍ମାଣ ପାଇଁ ରାଜ୍ୟ ଭାଜପାର ବରିଷ୍ଠ ନେତା ପଞ୍ଚାନନ ରାଉତ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟି ଦାବି ଜଣାଇଛନ୍ତି। ସେ ଶୁକ୍ରବାର ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଛକଠାରେ ଗଳାପୋଲ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ ମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ପଞ୍ଚାନନ କହିଛନ୍ତି। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଏକ ଦାବିପତ୍ର ଦେଇଥିଲେ। ଏହି ଗଳାପୋଲ ନିର୍ମାଣ ହେଲେ ନଗୁଆଁ ଓ ପାହିମହୁରା ଅଞ୍ଚଳବାସୀ ଉପକୃତ ହେବେ ବୋଲି ସେ କହିଛନ୍ତି।

## ମଣିପୁରରେ ଦଙ୍ଗା, ମହିଳା ନିର୍ଯାତନା ବିରୋଧରେ ପ୍ରତିବାଦ ସଭା

ଖଇରା,୨୯।୭(ଉତ୍କଳବନ୍ଧୁ ପଣ୍ଡା)

ମଣିପୁରରେ ମାସ ମାସ ଧରି ଦଙ୍ଗା ଲାଗିରହିବା, ଆଦିବାସୀ ମହିଳାଙ୍କୁ ନିର୍ଯାତନା ତଥା ରାଜ୍ୟବ୍ୟାପି ହିଂସାକାଣ୍ଡ ବିରୋଧରେ ଖଇରା ବ୍ଲକ କଂଗ୍ରେସ, ସିପିଆଇ, ସିପିଏମ୍, ଫରୱାର୍ଡ ବ୍ଲକ, ଆମ ଆଦମୀ ପାର୍ଟିପକ୍ଷରୁ ମିଳିତ ପ୍ରତିବାଦ ସଭା ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ରାଜନୈତିକ ବିରୋଧୀ ମେଣ୍ଟ ତରଫରୁ ଏକ ଶୋଭାଯାତ୍ରା ବ୍ଲକ ଛକରୁ ବାହାରି ମେଡିକାଲ ଛକ ଦେଇ ପୋଷ୍ଟ ଅଫିସ ଛକ ନିକଟରେ ପହଞ୍ଚିଥିଲା। ସିପିଏମ୍ ଜିଲା କମିଟି ସଭ୍ୟ ଜଗତାନନ୍ଦ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ପଥପ୍ରାନ୍ତ ସଭାରେ ବାମ ଦଳର ନେତୃବୃନ୍ଦ ସନ୍ତୋଷ ବିଶ୍ୱାଳ, ସନ୍ତୋଷ କୁମାର ସାହୁ, ମାନସ କୁମାର ମହାପାତ୍ର, ଜନ୍ମେଜୟ ଶତପଥୀ,ବସନ୍ତ ମାଝୀ,ମୁରଲୀଧର ବେହେରା, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ଛାତ୍ର କଂଗ୍ରେସ ସଭାପତି ଦେବାଷିଷ ସାହୁ, ବାବୁଲି ଜେନା, ଆପ ନେତା କୈଳାସ ଚନ୍ଦ୍ର ପୃଷ୍ଟି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଗୋଟିଏ ପଟେ ମଣିପୁର ଜଳୁଥିବା ବେଳେ ପ୍ରଧାନମନ୍ତ୍ରୀ ବିଦେଶରେ ମଉଜମଜଲିସ କରୁଥିବା ଅଭିଯୋଗ ଆଣି କଟୁ ସମାଲୋଚନା କରିଥିଲେ। ଖୋଦ ପ୍ରଧାନମନ୍ତ୍ରୀ ଏ ବିଷୟରେ ମୌନ ରହିବାକୁ ନେଇ କଡ଼ା ଭାଷାରେ ନିନ୍ଦା କରିଥିଲେ ।




ମିଳିତ ରାଜନୈତିକ ବିରୋଧୀ ମେଣ୍ଟର ଖଇରା ବଜାର ପରିକ୍ରମା।

## 'ମୋ ଓଡ଼ିଶା ନବୀନ ଓଡ଼ିଶା': ବସ୍ତାରେ ବିରୋଧୀ ସରପଞ୍ଚଙ୍କ ମେଳି



ବୈଠକରେ ଉପସ୍ଥିତ ୮ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ।

ବସ୍ତା,୨୯।୭(ହରିଶଙ୍କର ପାଢ଼ୀ)

ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟରେ ଶାସକ ଦଳ ବିରୋଧୀ ୮ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ମୋ ଓଡ଼ିଶା ନବୀନ ଓଡ଼ିଶା ନାମରେ ଯୋଜନା ପ୍ରଣୟନ କରିଛନ୍ତି। ଯେଉଁ ଯୋଜନା ମାଧ୍ୟମରେ ପ୍ରତି ପଞ୍ଚାୟତକୁ ପଚାଶ ଲକ୍ଷ ଟଙ୍କା ବ୍ୟୟ ବରାଦ ସହିତ ୪ ହଜାର କୋଟିଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଛି ବୋଲି ଆଲୋଚନା ହୋଇଥିଲା। ବସ୍ତା ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ଶାସକ ଦଳ ସମର୍ଥିତ ଓ ୮ ଟି ପଞ୍ଚାୟତରେ ବିରୋଧୀ ସରପଞ୍ଚ କାର୍ଯ୍ୟ କରୁଛନ୍ତି। ଏହି ୮ ପଞ୍ଚାୟତରେ ଉକ୍ତ ଯୋଜନା କାର୍ଯ୍ୟକୁ ଦଳୀୟ ଭିତ୍ତିରେ ଖର୍ଚ୍ଚ କରିବାକୁ ପ୍ରଶାସନିକ ସ୍ତରରେ ସଜବାଜ ଚାଲିଥିବା ଅଭିଯୋଗ କରି ବିରୋଧୀ ସରପଞ୍ଚ ଓ ସମିତି ସଭ୍ୟମାନେ ବୈଠକରେ ନିଜ ନିଜର ଯୁକ୍ତି ଉପସ୍ଥାପନା କରିଥିବା ଦେଖିବାକୁ ମିଳିଥିଲା। ସରକାର ଲୋକଙ୍କ ଟିକସ ଟଙ୍କାରେ ଏହି ଯୋଜନା ପ୍ରସ୍ତୁତ କରିବା ଓ ପଞ୍ଚାୟତିରାଜ ନିର୍ଦ୍ଦେଶନାମା ଅନୁସରଣ ନ କରି ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଗୁରୁତ୍ୱ ନ ଦେଇ ଦଳୀୟ ଭିତ୍ତିରେ ନିର୍ବାଚନୀ ପ୍ରଚାର ପ୍ରସାର କରୁଛନ୍ତି। ଏହି ଜନ ବିରୋଧୀ ବ୍ୟବସ୍ଥା ବିରୋଧରେ ସରକାର ଓ ପ୍ରଶାସନ ବିରୋଧରେ କୋର୍ଟରେ ମାମଲା ରୁଜୁ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ନବରା ସରପଞ୍ଚ ଡ଼ା .ନଗେନ୍ଦ୍ର ସିଂହ ପ୍ରକାଶ କରିଛନ୍ତି। ଏହି ବୈଠକରେ କୟିନଗରୀର ରାଧା ବଲ୍ଲଭ ମଣ୍ଡଳ ଓ ଅମିତା ମଇକାପ,ପୁଟୁରାର ରାଧାକୃଷ୍ଣ ବେହେରା ଓ ସଞ୍ଜୟ ଜେନା, ମୁକୁଳିସୀର ଅମ୍ରି ବିଶାଳ, ସିଂଲାର ବିପିନ ବିହାରୀ ବିଶ୍ୱାଳ, ତାଡଦାର ପ୍ରଭାତ କୁମାର ଦାସ, ରୀତାରାଣି ଦଣ୍ଡପାଟ, ପାଉଁଶକୁଲୀର ବିନ୍ଦୁବାଳା ସେନାପତି, ସୁମିତ୍ରା ପାତ୍ର, ବରୁଣଗଡ଼ିଆର କରୁଣାକର ମଲ୍ଲିକ, ରମାକାନ୍ତ ସେଠୀ ପ୍ରମୁଖ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ାଉ, ୨ ଗିରଫ

ଖଇରା,୨୯।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅବକାରୀ ବିଭାଗର ଏକ ଭ୍ରାମ୍ୟମାଣ ଟିମ୍ ଶନିବାର ସକାଳେ ଖଇରା ଓ ସୋର ଅଞ୍ଚଳରେ ଚଢ଼ାଉ କରି ବ୍ୟାପକ ଦେଶୀ ମଦ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଥିବା ଖଇରା ବଜାରର ବାବୁଲି ସାହୁ ଓ ସୋର ଅଞ୍ଚଳର ଜିତେନ୍ଦ୍ର ଜେନାଙ୍କ ନାମରେ ୨ଟି ମାମଲା(୧୨୨,୧୨୩/୨୦୨୩-୨୪)ରୁଜୁ କରାଯିବା ସହ ଉଭୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଜିତେନ୍ଦ୍ରଙ୍କ ନିକଟରୁ ୪୦ଲିଟର ଓ ବାବୁଲିଙ୍କ ନିକଟରୁ ୭୦ଲିଟର ମଦ ଜବତ ହୋଇଛି। ଆଇଆଇସି ଭକ୍ତ ଚରଣ ସ୍ୱାଇଁ, ଏସ୍‌ଆଇ ମଙ୍ଗଳ ସିଂ, ବିଦ୍ୟାଧର ବିନ୍ଧାଣି, ସୃଷ୍ଟିଧର ଦେଉରୀ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

